# NATIONAL BULLETIN (ODIA)

## Morning : 7.15 a.m.

## 1 August - 2024

*******************************

## ମୁଖ୍ୟ ସମ୍ବାଦ

- ସୀମାବର୍ତ୍ତୀ ଅଞ୍ଚଳରେ ଶାନ୍ତି ବଜାୟ ରଖିବା ଲାଗି ଭାରତ ଓ ଚୀନ୍ ସହମତ ।
- କେରଳର ଓ୍ୱାୟନାଡରେ ପ୍ରବଳ ବର୍ଷା ଯୋଗୁଁ ହୋଇଥିବା ଭୂସ୍ଖଳନରେ ମୃତ୍ୟୁସଂଖ୍ୟା ୨୫୦କୁ ବୃଦ୍ଧି
- ଝାଡ଼ଖଣ୍ଡର ଦୁର୍ଘଟଣାଗ୍ରସ୍ତ ରେଳ ଲାଇନ୍ ପୁନଃ କାର୍ଯ୍ୟକ୍ଷମ ।
- ମହାନ କ୍ରିକେଟର ଏବଂ ପ୍ରଶିକ୍ଷକ ଅଂଶୁମାନ ଗାଇକ୍ୱାଡଙ୍କ ପରଲୋକ, ଶୋକ ପ୍ରକାଶ କଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

ଏବଂ

- ତିନି ମ୍ୟାଚ୍ ବିଶିଷ୍ଟ ଏକଦିବସୀୟ ଅନ୍ତର୍ଜାତୀୟ କ୍ରିକେଟ୍ ଶୃଙ୍ଖଳାରେ ଆସନ୍ତାକାଲି ମୁହାଁମୁହିଁ ହେବେ ଭାରତ-ଶ୍ରୀଲଙ୍କା ।

# ଫରେନ୍ ମିନିଷ୍ଟ୍ରି-ଡବ୍ଲୁଏମ୍‌ସିସି ମିଟିଂ

ଭାରତ ଏବଂ ଚୀନ୍ ସୀମା ମାମଲା ସଂପର୍କରେ ସମନ୍ୱୟ ରକ୍ଷା କରିବା ଏବଂ ଉଭୟ ପକ୍ଷକୁ ସୁହାଇଲା ଭଳି କାର୍ଯ୍ୟ କରିବା ନିମନ୍ତେ ଗଠିତ **WMCC** ର ୩୦ତମ ବୈଠକ ନୂଆଦିଲ୍ଲୀରେ ସଂପନ୍ନ ହୋଇଛି । ବୈଠକରେ ବିଦେଶ ମନ୍ତ୍ରଣାଳୟର ପୂର୍ବ ଏସିଆ ଯୁଗ୍ମ ସଚିବ ଗୌରାଙ୍ଗଲାଲ ଦାସ ଭାରତୀୟ ପ୍ରତିନିଧି ମଣ୍ଡଳୀର ନେତୃତ୍ୱ ନେଇଥିଲେ । ଚୀନ୍‌ର ପ୍ରତିନିଧି ମଣ୍ଡଳୀର ନେତୃତ୍ୱ ସେଠାକାର ବିଦେଶ ମନ୍ତ୍ରଣାଳୟର ସୀମା ଓ ମହାସାଗର ବିଭାଗ ମହାନିର୍ଦ୍ଦେଶକ ହୋଙ୍ଗ୍ ଲିଆଙ୍ଗ ନେଇଥିଲେ ।

ବୈଠକ ପରେ ବିଦେଶ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି କାଜାଖସ୍ତାନର ଆସ୍ତାନା ଏବଂ ଲାଓସ୍‌ର ଵିୟନତିଆନେ ଠାରେ ଅନୁଷ୍ଠିତ ବୈଠକରେ ଉଭୟ ଦେଶର ବୈଦେଶିକ ମନ୍ତ୍ରୀ ପ୍ରକୃତ ନିୟନ୍ତ୍ରଣରେଖାର ବର୍ତ୍ତମାନର ସ୍ଥିତି ଏବଂ ଅନ୍ୟ କେତେକ ସମସ୍ୟାର ତ୍ୱରିତ ସମାଧାନର ଉପାୟ ଖୋଜିବା ନିମନ୍ତେ ସମୀକ୍ଷା କରିଥିଲେ । ଶାନ୍ତି ଏବଂ ସ୍ଥିରତା ବଜାୟ ରଖିବା ଲାଗି ପ୍ରକୃତ ନିୟନ୍ତ୍ରଣ ସୀମା ପ୍ରତି ସମ୍ମାନ କରିବା ଏବଂ ଉଭୟ ଦେଶ ମଧ୍ୟରେ ସଂପର୍କ ଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ବୈଠକରେ ଉଭୟ ଦେଶ ପ୍ରୋଟୋକଲ୍ ଅନୁଯାୟୀ ସୀମାବର୍ତ୍ତୀ କ୍ଷେତ୍ରରେ ଶାନ୍ତି ବଜାୟ ରଖିବା ଲାଗି ରାଜି ହୋଇଥିଲେ ।

## କେରଳ-ଲ୍ୟାଣ୍ଡସ୍ଲାଇଡ୍

କେରଳର ଓ୍ୱାୟନାଡରେ ଭୂସ୍ଖଳନ ଯୋଗୁଁ ମୃତ୍ୟୁସଂଖ୍ୟା ୨୫୦ ଅତିକ୍ରମ କରିଛି । ଭାରତୀୟ ସେନା ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଭୂସ୍ଖଳନ ଘଟିଥିବା ଅଞ୍ଚଳରେ ଗତକାଲି ଶହେ ଅଣାନବେ ରୁ ଅଧିକ ଲୋକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି । ସଂପୃକ୍ତ ଅଞ୍ଚଳରେ ଆଜି ସକାଳୁ ତଲାସି ଅଭିଯାନ ପୁଣି ଆରମ୍ଭ ହୋଇଛି । ଉଦ୍ଧାରକାରୀ ଦଳ ସହିତ ଡଗ୍ ସ୍କ୍ୱାର୍ଡ ମଧ୍ୟ ତଲାସି ଅଭିଯାନରେ ସାମିଲ ହୋଇଛନ୍ତି । ଅନ୍ୟପକ୍ଷରେ ଚୁରଲମାଲା ଉପରେ ୧୯୦ ଫୁଟ ଲମ୍ବର ପୋଲ ନିର୍ମାଣ କାର୍ଯ୍ୟ ଜାରି ରହିଛି ଏବଂ ଆଜି ଅପରାହ୍ଣ ସୁଦ୍ଧା ଏହା ଶେଷ ହେବା ନେଇ କୁହାଯାଇଛି । ଏହି ପୋଲ ସହାୟତାରେ ଭୂସ୍ଖଳନ ପ୍ରଭାବିତ ଅଞ୍ଚଳ ଗୁଡ଼ିକୁ ବିଭିନ୍ନ ଯନ୍ତ୍ରପାତି ଏବଂ ଆବଶ୍ୟକ ସାମଗ୍ରୀ ସହ ଜନସାଧାରଣଙ୍କୁ ପଠାଯିବ । କେରଳ ମୁଖ୍ୟମନ୍ତ୍ରୀ ପିନାରାୟ ବିଜୟନ୍ ଆଜି ସକାଳେ ଏକ ସର୍ବଦଳୀୟ ବୈଠକରେ ଅଧ୍ୟକ୍ଷତା କରିବେ । ଏଥିରେ ସେ ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟ ସହ ଜଡ଼ିତ ଅଧିକାରୀମାନଙ୍କଠାରୁ ବର୍ତ୍ତମାନର ପରିସ୍ଥିତି ଉପରେ ସମୀକ୍ଷା କରିବାର କାର୍ଯ୍ୟକ୍ରମ ରହିଛି । ଏହାଛଡ଼ା ଶ୍ରୀ ବିଜୟନ୍ କେତେକ ଭୂସ୍ଖଳନ ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିବାର କାର୍ଯ୍ୟସୂଚୀ ରହିଛି ।

## ଲୋକସଭା-ରେଲ୍

ଲୋକସଭାରେ ଗତକାଲି ରେଳ ମନ୍ତ୍ରଣାଳୟର ୨୦୨୪-୨୫ ଆର୍ଥିକ ବର୍ଷ ନିମନ୍ତେ ଲେଖାନୁଦାନ ଉପରେ ଚର୍ଚ୍ଚା ହୋଇଛି ।

ଆଲୋଚନାରେ ଭାଗ ନେଇ ଭାଜପା ସାଂସଦ ସନ୍ଧ୍ୟା ରାୟ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ରେଳବାଇରେ ଦ୍ରୁତଗତିରେ କାର୍ଯ୍ୟ ହେଉଛି ଏବଂ ଅଭୂତପୂର୍ବ ବିକାଶ ପରିଲକ୍ଷିତ ହୋଇଛି ।

ଆର୍‌ଏସ୍‌ପିର ସାଂସଦ ଏନ୍.କେ. ପ୍ରେମଚନ୍ଦ୍ରନ୍ କହିଛନ୍ତି ରେଳ ସାଧାରଣ ଲୋକଙ୍କ ପାଇଁ ପରିବହନର ଏକ ପ୍ରମୁଖ ମାଧ୍ୟମ ପାଲଟିଛି । ତେଣୁ ଏହାର ବିକାଶ ଦିଗରେ ଅଧିକ ଧ୍ୟାନ ଦିଆଯିବା ଆବଶ୍ୟକ । ସେ ରେଳବାଇ ନିମନ୍ତେ ଅଲଗା ବଜେଟ୍ ଲାଗି ଦାବି କରିଛନ୍ତି । ବିଜେପିର ଅନୁରାଗ ଶର୍ମା ଆଲୋଚନାରେ ଭାଗ ନେଇ କହିଛନ୍ତି କେନ୍ଦ୍ରୀୟ ବଜେଟ୍‌ରେ ସରକାର ଦେଶର ରେଳବାଇ କ୍ଷେତ୍ର ପାଇଁ ୨ ଲକ୍ଷ ୬୨ ହଜାର କୋଟି ଟଙ୍କାର ବ୍ୟବସ୍ଥା କରିଛନ୍ତି । ସେ କହିଛନ୍ତି ଭାରତକୁ ୨୦୪୭ ସୁଦ୍ଧା ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବା ଲକ୍ଷ୍ୟ ପୂରଣ ଦିଗରେ ଭାରତୀୟ ରେଳ ପ୍ରମୁଖ ଭୂମିକା ଗ୍ରହଣ କରିବ ।

ଜନସେନା ପାର୍ଟିର ସାଂସଦ ବଲ୍ଲଭ ନୈନି ଆନ୍ଧ୍ରପ୍ରଦେଶ ପାଇଁ ରେଳ ପ୍ରକଳ୍ପ ଗୁଡ଼ିକ ନିମନ୍ତେ ୯ ହଜାର ୧୫୦ କୋଟି ଟଙ୍କାର ଆବଣ୍ଟିତ ହୋଇଥିବାରୁ ସେ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଆଲୋଚନାରେ ଶିବସେନାର ଧୈର୍ଯ୍ୟଶୀଳ ସମ୍ଭାଜୀ ରାଓ ମାନେ କେନ୍ଦ୍ରୀୟ ବଜେଟର ପ୍ରଶଂସା କରିଛନ୍ତି । ଏହି ଆଲୋଚନାରେ ଶିବସେନା-ୟୁବିଟି ର

ଅରବିନ୍ଦ ସାୱନ୍ତ, କଂଗ୍ରେସର ସପ୍ତଗିରି ଶଙ୍କର ଉଲ୍ଲାକା ଏବଂ ବିଜେପିର ନିଶିକାନ୍ତ ଦୁବେଙ୍କ ସମେତ ଅନ୍ୟ ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ ।

## ଝାଡ଼ଖଣ୍ଡ ଟ୍ରେନ୍

ଝାଡ଼ଖଣ୍ଡର ଦକ୍ଷିଣ-ପୂର୍ବ ରେଳବାଇ ଅନ୍ତର୍ଗତ ଟାଟାନଗର-ଚକ୍ରଧରପୁର ରେଳ ମାର୍ଗର ତୃତୀୟ ଲାଇନରେ ରେଳ ଗମନାଗମନ ପୁନଃ କାର୍ଯ୍ୟକ୍ଷମ ହୋଇଛି । ମରାମତି ପରେ ସେହି ଲାଇନ୍‌ରେ ପ୍ରଥମେ ପରୀକ୍ଷାମୂଳକ ଭାବେ ମାଲ୍‌ଗାଡ଼ି ଅତିକ୍ରମ କରିଥିଲା । ଚକ୍ରଧରପୁର ରେଳ ସର୍କଲ୍‌ର ମହାପ୍ରବନ୍ଧକ ଅନୀଲ କୁମାର ମିଶ୍ରା କହିଛନ୍ତି ଅପ୍ ଏବଂ ଡାଉନ୍ ଲାଇନ୍‌ରେ ରେଳ ଗମନାଗମନ ସୁଗମ କରିବା ଲାଗି ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ଚାଲିଛି । ଚକ୍ରଧରପୁର ରେଳ ସର୍କଲ ଅନ୍ତର୍ଗତ ପୋଟେବେଡ଼ା ଗାଁ ନିକଟରେ ବାରାବଙ୍ଗୋ ଏବଂ ଖରସାୱା ରେଳ ଷ୍ଟେସନ ମଝିରେ ହାୱଡ଼ା-ମୁମ୍ବାଇ ମେଲ୍‌ର ୧୮ଟି ବଗି ଲାଇନଚ୍ୟୁତ୍ ହେବା ପରେ ରେଳ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା ।

## ଅଂଶୁମାନ ଗାଇକ୍ୱାଡ୍ ଡେଥ୍

ଭାରତର ମହାନ୍ କ୍ରିକେଟର ଏବଂ ପ୍ରଶିକ୍ଷକ ଅଂଶୁମାନ ଗାଇକ୍ୱାଡ୍ ଙ୍କ ପରଲୋକ ଘଟିଛି । ତାଙ୍କୁ ୭୧ ବର୍ଷ ବୟସ ହୋଇଥିଲା ଓ ସେ ରକ୍ତ କର୍କଟରେ ପୀଡ଼ିତ ଥିଲେ । ଶ୍ରୀ ଗାଇକ୍ୱାଡ୍ ବରୋଦା ପାଇଁ ୨୦୬ଟି ପ୍ରଥମଶ୍ରେଣୀ କ୍ରିକେଟ୍ ମ୍ୟାଚ୍ ଖେଳିବା ସହ ୧୯୭୫ରୁ ୧୯୮୭

ମଧ୍ୟରେ ଭାରତ ପାଇଁ ୪୦ଟି ଟେଷ୍ଟ ଓ ୧୫ଟି ଏକଦିବସୀୟ ମ୍ୟାଚ୍ ଖେଳିଥିଲେ । ସେ ଭାରତୀୟ ଟିମ୍‌ର ଚୟନକର୍ତ୍ତା ଭାବେ କାର୍ଯ୍ୟ କରିଥିଲେ ଏବଂ ୧୯୯୭ ଅକ୍ଟୋବରରୁ ୧୯୯୯ ସେପ୍ଟେମ୍ବର ପର୍ଯ୍ୟନ୍ତ ଭାରତୀୟ କ୍ରିକେଟ୍ ଦଳର ମୁଖ୍ୟ ପ୍ରଶିକ୍ଷକ ରୂପେ କାର୍ଯ୍ୟ କରିଥିଲେ । ଶ୍ରୀ ଗାଇକ୍ୱାଡଙ୍କୁ ୨୦୧୭-୧୮ ବର୍ଷ ପାଇଁ ସି.କେ. ନାଇଡୁ ଜୀବନ ବ୍ୟାପୀ ସାଧନା ପୁରସ୍କାରରେ ସମ୍ମାନିତ କରାଯାଇଥିଲା ।

## ପିଏମ୍-ଅଂଶୁମାନ

କ୍ରିକେଟର ଅଂଶୁମାନ ଗାଇକ୍ୱାଡଙ୍କ ଦେହାନ୍ତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୋକ ପ୍ରକାଶ କରିଛନ୍ତି । ଏକ ସାମାଜିକ ଗଣମାଧ୍ୟମ ବାର୍ତ୍ତାରେ ଶ୍ରୀ ମୋଦୀ କହିଛନ୍ତି କ୍ରିକେଟ୍‌ରେ ସଫଳତା ଲାଗି ଅଂଶୁମାନ ଗାଇକ୍ୱାଡ ସ୍ମରଣୀୟ ହୋଇ ରହିବେ । ସେ ଜଣେ ପ୍ରତିଭାସଂପନ୍ନ ଖେଳାଳି ଥିଲେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ଇଣ୍ଡିଆନ୍-ହାଇକମିଶନ-ବାଂଲାଦେଶ ପିଏମ୍

ବାଂଲାଦେଶରେ ଅବସ୍ଥାପିତ ଭାରତୀୟ ଉଚ୍ଚାୟୁକ୍ତ ପ୍ରଣୟ ବର୍ମା ଢ଼ାକାରେ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି । ଶ୍ରୀ ବର୍ମା ସଂପ୍ରତି ବାଂଲାଦେଶରେ ସଂଗଠିତ ବିକ୍ଷୋଭ ଯୋଗୁଁ ହୋଇଥିବା କ୍ଷୟକ୍ଷତି ନେଇ ସମବେଦନା ପ୍ରକାଶ କରିଛନ୍ତି । ବାଂଲାଦେଶରେ ପରିସ୍ଥିତି ସ୍ୱାଭାବିକ ଆଡ଼କୁ ଗତି କରୁଥିବାରୁ ଭାରତୀୟ

ଉଚ୍ଚାୟୁକ୍ତ ଏହାକୁ ସ୍ୱାଗତ କରିଥିବା ଜଣାଇଛନ୍ତି । ଶ୍ରୀ ବର୍ମା କହିଛନ୍ତି ପଡ଼ୋଶୀ ଦେଶ ହିସାବରେ ଭାରତ ଏକ ସ୍ଥିର, ପ୍ରଗତିଶୀଳ ଏବଂ ସମୃଦ୍ଧ ବାଂଲାଦେଶ ଗଠନ ନିମନ୍ତେ ଏହାର ନୀତି ଏବଂ ପ୍ରଚେଷ୍ଟାକୁ ସମର୍ଥନ କରେ ବୋଲି କହିଛନ୍ତି । ଏହାଛଡ଼ା ଚଳିତବର୍ଷ ଜୁନ୍ ମାସରେ ଶ୍ରୀମତୀ ହାସିନାଙ୍କ ଭାରତ ଗସ୍ତ କାଳରେ  ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ସଂପର୍କରେ ଅବଗତ କରାଇଛନ୍ତି ।

ସାକ୍ଷାତ ଆଲୋଚନା ପରେ ବାଂଲାଦେଶ ପ୍ରଧାନମନ୍ତ୍ରୀଙ୍କ ଗଣମାଧ୍ୟମ ସଚିବ ମହମ୍ମଦ ନୈମୁଲ୍ ଇସ୍‌ଲାମ ଖାନ୍ ସମ୍ବାଦଦାତାମାନଙ୍କୁ କହିଛନ୍ତି ଭାରତୀୟ ଉଚ୍ଚାୟୁକ୍ତଙ୍କ ସହ ଆଲୋଚନାରେ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା ପଡ଼ୋଶୀ ଦେଶ ଗୁଡ଼ିକ ସହିତ ଦୃଢ଼ ସଂପର୍କ ଉପରେ ଜୋର ଦେଇଛନ୍ତି । ଭାରତ, ନେପାଳ ଭୁଟାନ୍ ସହ ବାଂଲାଦେଶ ସଂପର୍କ ଆହୁରି ମଜବୁତ କରିବା ଲାଗି ସେ ଆହ୍ୱାନ ଦେଇଛନ୍ତି ।

# ପିୟୁଷ-ବୁକ୍ ଇନାଗୁରେସନ୍

କେନ୍ଦ୍ର ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରୀ ପିୟୁଷ ଗୋୟଲ ନୂଆଦିଲ୍ଲୀରେ ପ୍ରଫେସର କେ.ବି. ସୁବ୍ରମଣ୍ୟମ୍‌ଙ୍କ ଦ୍ୱାରା ଲିଖିତ ପୁସ୍ତକ ଉନ୍ମୋଚନ କରିଛନ୍ତି । ଏହି ପୁସ୍ତକର ଶୀର୍ଷକ ହେଉଛି **ଇଣ୍ଡିଆ ଆଟ୍ ୱାନ୍ ହଣ୍ଡ୍ରେଡ୍ ଏନ୍‌ଭିଜନିଂ ଟୁମୋରଜ୍ ଇକନମିକ୍ ପାୱାର ହାଉସ୍ ।** ଉନ୍ମୋଚନ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ମନ୍ତ୍ରୀ ଶ୍ରୀ ଗୋୟଲ କହିଛନ୍ତି ଭାରତ ୧୪୦ କୋଟି ନାଗରିକଙ୍କ ସାମୂହିକ ପ୍ରଚେଷ୍ଟା ଜରିଆରେ ବିକଶିତ ଭାରତ ଲକ୍ଷ୍ୟ

ହାସଲ କରିବା କ୍ଷମତା ରଖିଛି । ସେ କହିଛନ୍ତି ୨୦୪୭ ସୁଦ୍ଧା ଦେଶ ଭିତ୍ତିଭୂମି ନିର୍ମାଣ, ରୋଜଗାର, ପର୍ଯ୍ୟଟନ ଏବଂ ଉଦ୍ୟୋଗ କ୍ଷେତ୍ରରେ ଏକ ବିକଶିତ ରାଷ୍ଟ୍ରରେ ପରିଣତ ହେବ । ସେ କହିଛନ୍ତି ଏବେ ଦେଶ ଆତ୍ମନିର୍ଭର ହେବା କ୍ଷେତ୍ରରେ ଅଗ୍ରସର ହେଉଛି । ସରକାର ଦେଶର ଅର୍ଥ ବ୍ୟବସ୍ଥାକୁ ବୃଦ୍ଧି କରିବା ଲାଗି ପ୍ରତିଶ୍ରୁତିବଦ୍ଧ ଏବଂ ଏ ଦିଗରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି ।

## ଦିଲ୍ଲୀ-ଏଲ୍‌ଟି ଗଭର୍ଣ୍ଣର

ଦିଲ୍ଲୀ ଉପରାଜ୍ୟପାଳ ବିନୟ କୁମାର ସକ୍‌ସେନା ଦିଲ୍ଲୀ ମୁଖ୍ୟସଚିବଙ୍କ ନେତୃତ୍ୱରେ ଏକ କମିଟି ଗଠନ କରିଛନ୍ତି । କମିଟିରେ କୋଚିଂ ପ୍ରତିଷ୍ଠାନ ଗୁଡ଼ିକର ୫ରୁ ୬ ଜଣ ପ୍ରତିନିଧି, ଛାତ୍ର ପ୍ରତିନିଧି ଏବଂ ଅନ୍ୟ କେତେକ ବିଭାଗର ଅଧିକାରୀମାନେ ସଦସ୍ୟ ରହିବେ । ଏହି କମିଟି ଘର ମାଲିକଙ୍କ ଦ୍ୱାରା ଅତ୍ୟଧିକ ଭଡ଼ା ସଂଗ୍ରହ କରିବା ଏବଂ ଅଗ୍ନିଶମ ଅନୁମତି ସଂପର୍କିତ ସମସ୍ତ ସମସ୍ୟାର ସମାଧାନ କରିବେ । ଏହାଛଡ଼ା ଯେପରି ଦିଲ୍ଲୀରେ ଅନୁକୂଳ ଶୈକ୍ଷିକ ପରିବେଶ ସୃଷ୍ଟି ହୋଇପାରିବ ଏବଂ ଛାତ୍ରଛାତ୍ରୀମାନଙ୍କ  ଆବଶ୍ୟକତା ପୂରଣ କରାଯାଇ ପାରିବ, ସେ ଦିଗରେ ଉପାୟ ଖୋଜିବା ଲାଗି କମିଟିକୁ କୁହାଯାଇଛି । ଉପରାଜ୍ୟପାଳ କହିଛନ୍ତି ଦିଲ୍ଲୀର ବିଭିନ୍ନ ସ୍ଥାନରେ ଥିବା କୋଚିଂ ପ୍ରତିଷ୍ଠାନ ଗୁଡ଼ିକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ନିମନ୍ତେ ଯୋଜନା ପ୍ରସ୍ତୁତ କରିବା ଲାଗି

ସଂପୃକ୍ତ କମିଟିକୁ ଦାୟିତ୍ୱ ଦିଆଯାଇଛି । ଗତକାଲି ଉପରାଜ୍ୟପାଳ ୨୧ଟିରୁ ଅଧିକ ଘରୋଇ କୋଚିଂ ପ୍ରତିଷ୍ଠାନର ପରିଚାଳକ, ମହାସଂଘ ପ୍ରତିନିଧି ଏବଂ ଦିଲ୍ଲୀ ସରକାରଙ୍କ ବରିଷ୍ଠ ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ ।

ସୂଚନାଯୋଗ୍ୟ ଗତମାସ ୨୭ ତାରିଖରେ ଦିଲ୍ଲୀର  ଏକ କୋଚିଂ ପ୍ରତିଷ୍ଠାନର ତଳମହଲାରେ ବର୍ଷାଜଳ ପ୍ରବେଶ କରିଯିବାରୁ ଆଇଏଏସ୍ କୋଚିଂ ନେଉଥିବା ୩ ଜଣ ଛାତ୍ରଙ୍କର ମୃତ୍ୟୁ ଘଟିଥିଲା । ଏହାପରେ ଦିଲ୍ଲୀ ଉପରାଜ୍ୟପାଳ ଛାତ୍ରଛାତ୍ରୀମାନଙ୍କ ସୁରକ୍ଷା ବ୍ୟବସ୍ଥା ନେଇ ସମୀକ୍ଷା କରିଛନ୍ତି ।

# ପ୍ୟାରିସ୍ ଅଲମ୍ପିକ୍ସ-୨୦୨୪

ପ୍ୟାରିସ୍ ଅଲମ୍ପିକ୍ସରେ ଭାରତର ଟେବୁଲ୍ ଟେନିସ୍ ଖେଳାଳି ଶ୍ରୀଯା ଅକୁଲା ପ୍ରି-କ୍ୱାର୍ଟର ଫାଇନାଲ୍‌ରେ ପରାସ୍ତ ହୋଇଛନ୍ତି । ସେ ବିଶ୍ୱର ଏକନମ୍ବର ଟେବୁଲ୍ ଟେନିସ୍ ଖେଳାଳି ଚୀନ୍‌ର ସୋନ୍ ଇଙ୍ଗ୍‌ସା ଙ୍କ ଠାରୁ ୪-୦ରେ ପରାସ୍ତ ହେବା ପରେ ମହିଳା ଏକକ ପର୍ଯ୍ୟାୟରୁ ବାଦ୍ ପଡ଼ିଛନ୍ତି । ଏଥି ସହିତ ପ୍ୟାରିସ୍ ଅଲମ୍ପିକ୍ସର ଟେବୁଲ୍ ଟେନିସ୍‌ରେ ଭାରତର ଏକକ ପର୍ଯ୍ୟାୟ ଅଭିଯାନ ଶେଷ ହୋଇଛି । ମନିକା ବାତ୍ରା ଏବଂ ଶ୍ରୀଯା ଅକୁଲା ପ୍ରି-କ୍ୱାର୍ଟର ଫାଇନାଲ୍‌କୁ ଉନ୍ନୀତ ହେବାରେ ପ୍ରଥମ ଭାରତୀୟ ଟେବୁଲ୍ ଟେନିସ୍ ଖେଳାଳି ।

# କ୍ରିକେଟ୍

ଭାରତ ଏବଂ ଶ୍ରୀଲଙ୍କା ମଧ୍ୟରେ ତିନି ମ୍ୟାଚ୍ ବିଶିଷ୍ଟ ଏକଦିବସୀୟ ଅନ୍ତର୍ଜାତୀୟ କ୍ରିକେଟ୍ ଶୃଙ୍ଖଳା ଆସନ୍ତାକାଲିଠାରୁ ଆରମ୍ଭ ହେବ । ସମସ୍ତ ମ୍ୟାଚ୍ ଶ୍ରୀଲଙ୍କାର କଲମ୍ବୋସ୍ଥିତ ପ୍ରେମଦାସା ଷ୍ଟାଡିୟମ୍‌ରେ ଖେଳାଯିବ । ଏହି ଶୃଙ୍ଖଳାର ଦ୍ୱିତୀୟ ମ୍ୟାଚ୍ ଆସନ୍ତା  ୪ ତାରିଖ ଏବଂ ତୃତୀୟ ମ୍ୟାଚ୍ ୭ ତାରିଖରେ ଅନୁଷ୍ଠିତ ହେବ । ସମସ୍ତ ମ୍ୟାଚ୍ ଭାରତୀୟ ସମୟ ଅପରାହ୍ନ ୨ଟା ୩୦ ମିନିଟ୍‌ରେ ଆରମ୍ଭ ହେବ । ୫୦ ଓଭର୍ ବିଶିଷ୍ଟ ଏହି ମ୍ୟାଚ୍ ଗୁଡ଼ିକରେ ରୋହିତ ଶର୍ମା ଭାରତୀୟ କ୍ରିକେଟ୍ ଦଳର ଅଧିନାୟକ ଦାୟିତ୍ୱ ତୁଲାଇବେ । ଦଳରେ ବିରାଟ କୋହଲି ଏବଂ ଶ୍ରେୟସ ଆୟାର ମଧ୍ୟ ଅଛନ୍ତି । ଏହା ପୂର୍ବରୁ ସୂର୍ଯ୍ୟକୁମାର ଯାଦବଙ୍କ ଅଧିନାୟକତ୍ୱରେ ଭାରତ ଟି-୨୦ ଶୃଙ୍ଖଳା ୩-୦ରେ ଅକ୍ତିଆର କରିସାରିଛି ।